# ସାମାଜିକ ସମୀକ୍ଷା

## ମାର୍ଗଦର୍ଶିକା

# ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ

## ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଯାଜପୁର

## ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ୧୯୯୫ ମସିହା ଅଗଷ୍ଟ ମାସ ୧୫ ତାରିଖ ରୁ କାର୍ଯ୍ୟକାରୀ ହୋଇ ଆସୁଅଛି । ଏହା ସମ୍ବିଧାନର ଧାରା ୪୧ ଥିବା ରାଷ୍ଟ୍ରୀୟ ନିର୍ଦ୍ଦେଶାବଳୀ ପୂରଣ ଦିଗରେ ଏକ ଗୁରୁତ୍ଵପୂର୍ଣ୍ଣ ପଦକ୍ଷେପ । ଅଭାବଗ୍ରସ୍ତ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ହିତାଧିକାରୀମାନଙ୍କୁ ସାମାଜିକ ସହାୟତା ଦେବା ନିମନ୍ତେ ଜାତୀୟ ନୀତିରୂପେ କାର୍ଯ୍ୟକାରୀ ହେଉଅଛି ଓ ରାଜ୍ୟ ଦେଉଥିବା ସହାୟତା ବା ଭବିଷ୍ୟତରେ ଦେବାକୁଥିବା ସହାୟତା ସହିତ ଜାତୀୟ ସହାୟତାକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି ।ଜାତୀୟ ସହାୟତା ଯୋଜନା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଓ ଅନ୍ନପୂର୍ଣ୍ଣା ଯୋଜନାକୁ ନେଇ ଗଠିତ ।

### ଜାତୀୟ ସାମାଜିକ ସହାୟତାର ହିତାଧୀକାରୀଙ୍କ ଯୋଗ୍ୟତା ମାନଦଣ୍ଡ ଓ ସହାୟତାର ପରିମାଣ

ଜାତୀୟ ସାମାଜିକ ସହାୟତା ଯୋଜନାର ଉପଯୋଜନା ସହାୟତା କେବଳ ଦାରିଦ୍ର୍ୟ ସୀମାରେଖା ତଳେଥିବା ବର୍ଗଲୋକଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଜାତୀୟ ସାମାଜିକ ସହାୟତା ଯୋଜନା ହିତାଧୀକାରୀଙ୍କ ଯୋଗ୍ୟତାର ମାନଦଣ୍ଡ ଓ ସହାୟତାର ପରିମାଣ ନିମ୍ନରେ ଦର୍ଶାଗଲା ।

- **ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନା** : ଜାତୀୟ ସହାୟତା ଯୋଜନା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ୬୦ ବର୍ଷ ବୟସ ହୋଇଥିବା ଆବଶ୍ୟକ । ୬୦ ବର୍ଷରୁ ଅଧିକ ଓ ୮୦ ବର୍ଷରୁ କମ ହିତାଧିକାରୀମାନଙ୍କୁ ଏହିଯୋଜନାରେ ମାସକୁ ୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯାଏ। ୮୦ ବର୍ଷ ବୟସରୁ ରୁ ଅଧିକ ହିତାଧିକାରୀମାନଙ୍କୁ ମାସକୁ ୭୦୦ ଟଙ୍କା ( ସାତ ଶହ) ଟଙ୍କା ର ସହାୟତା ଯୋଗାଇ ଦିଆଯାଏ ।
- **ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ଯୋଜନା :** ୪୦ ବର୍ଷରୁ ଅଧିକ ବୟସର ବିଧବା ମାନଙ୍କୁ ଏହି ଯୋଜନାରେ ମାସକୁ ୫୦୦ ଟଙ୍କାର ସହାୟତା ଯୋଗାଇ ଦିଆଯାଏ । ୮୦ ବର୍ଷ ବୟସ ହେଲେ ହିତାଧିକାରୀଙ୍କୁ ମାସକୁ ୭୦୦ ଟଙ୍କା (ସାତ ଶହ) ଟଙ୍କାର ସହାୟତା ଯୋଗାଇ ଦିଆଯାଏ ।
- **ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନା :** ଏହି ଯୋଜନାରେ ୧୮ ବର୍ଷରୁ ଅଧିକ ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ମାସକୁ ୭୦୦ ଟଙ୍କା (ସାତ ଶହ) ଟଙ୍କାର ସହାୟତା ଯୋଗାଇ ଦିଆଯାଏ।

୮୦% ବା ତଦୁର୍ଦ୍ଧ ଭିନ୍ନକ୍ଷମ ପ୍ରମାଣ ପାତ୍ର ପ୍ରାପ୍ତି ହେଲେ ହିତାଧିକାରୀଙ୍କୁ ଉକ୍ତ ସହାୟତା ଯୋଗାଇ ଦିଆଯାଏ ।

- **ଜାତୀୟ ପରିବାର ମଙ୍ଗଳ ଯୋଜନା :** ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ଉକ୍ତ ପରିବାରକୁ ଏକକାଳୀନ ୨୦,୦୦୦ ଟଙ୍କା( କୋଡିଏ ହଜାର)ର ସହାୟତା ଯୋଗାଇ ଦିଆଯାଏ । ଜଣେ ମହିଳା ଯିଏ କି ଗୃହ କର୍ତ୍ତୀ ହୋଇଥାନ୍ତି, ତାଙ୍କୁ ମଧ ଏଥି ଲାଗି ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ବୋଲି ଗ୍ରହଣ କରାଯାଇଥାଏ । ଏକ ସ୍ଥାନୀୟ ତଦନ୍ତ କଳାପରେ ମୃତ ପରିବାରର ମୁଖ୍ୟରୂପେ ପରିଗଣିତ ବ୍ୟକ୍ତିଙ୍କୁ ଏହି ସହାୟତା ପ୍ରଦାନ କରାଯାଇଥାଏ । ଏହି ଯୋଜନାରେ ପରିବାରରେ ସ୍ତ୍ରୀ/ସ୍ୱାମୀ , ନାବାଳକ ପିଲା, ଅବିବାହିତ ଝିଅ ଓ ନିର୍ଭରଶୀଳ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରାଯାଇ ଥାଏ । ମୃତ ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତିଙ୍କ ବୟସ ୧୮ ବର୍ଷରୁ ଅଧିକ ଓ ୬୦ ବର୍ଷରୁ କମ ହୋଇଥିବା ଆବଶ୍ୟକ ।
- **ଅନ୍ନପୂର୍ଣ୍ଣା ଯୋଜନା :** ଏହି ଯୋଜନା ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେଇଥାଏ । ଏହି ଯୋଜନାରେ ହିତାଧିକାରୀଙ୍କୁ ମାସକୁ ୧୦ କିଲୋଗ୍ରାମ ଚାଉଳ ବା ଗହମ ଯୋଗାଇ ଦିଆଯାଇଥାଏ ।

## ସାମାଜିକ ସମୀକ୍ଷା

ଲୋକଙ୍କ ପ୍ରତ୍ୟକ୍ଷ ଭାଗିଦାରୀରେ ଏକ କାର୍ଯ୍ୟକ୍ରମ ବା ଯୋଜନାର କାର୍ଯ୍ୟାଳୟ ନଥିପତ୍ର ଗୁଡିକୁ କ୍ଷେତ୍ର ସ୍ତରର ବାସ୍ତବିକତା ସହ ତୁଳନା କରି ପରୀକ୍ଷା ନିରୀକ୍ଷା କରି ଏକ ନିର୍ଯ୍ୟାସ ନିର୍ଦ୍ଧାରଣ କରିବାକୁ ସାମାଜିକ ସମୀକ୍ଷା କୁହାଯାଏ। ସାମାଜିକ ସମୀକ୍ଷା ହେଉଛି ସାମାଜିକ ରୂପାନ୍ତରଣ, ଗୋଷ୍ଠୀ ଭାଗିଦାରୀତା ଓ ସରକାରୀ ଉତ୍ତର ଦାୟିତ୍ୱ ନିମନ୍ତେ ଏକ ଶକ୍ତିଶାଳୀ ମାଧ୍ୟମ । ଆର୍ଥିକ ସମୀକ୍ଷା ସାମାଜିକ ସମୀକ୍ଷା ଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ। ଆର୍ଥିକ ସମୀକ୍ଷାରେ ଏକ ଅନୁଷ୍ଠାନର ଆର୍ଥିକ ଦେଣ ନେଣକୁ ନିରୀକ୍ଷଣ କରି ଏହାର ଲାଭ,କ୍ଷତି ଓ ଆର୍ଥିକ ସ୍ଥିରତା ଉପରେ ଏକ ସତ୍ୟ ଛବି ପ୍ରଦାନ କରିଥାଏ। ସାମାଜିକ ସମୀକ୍ଷା ସାମାଜିକ କାର୍ଯ୍ୟକ୍ରମ ହିତାଧିକାରୀ, ଗୋଷ୍ଠୀ ସଦସ୍ୟ, ସରକାରୀ କର୍ମଚାରୀ ଆଦି ପକ୍ଷକୁ ନେଇ କାର୍ଯ୍ୟାଳୟ ତଥ୍ୟ ହାସଲକରି ଓ ଭୌତିକ ପ୍ରମାଣକୁ ପରୀକ୍ଷା କରିବା ସହିତ କାର୍ଯ୍ୟକ୍ରମର ସାମାଜିକ ଓ ନୈତିକ ଅଭିଳାଷ ପୂରଣ କରିବା ଦିଗରେ ଏହାର ପ୍ରଦର୍ଶନ ଉପରେ ଧ୍ୟାନ ଦେଇଥାଏ। ସାମାଜିକ ସମୀକ୍ଷା ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଓ ନୀତି ନିୟମ ର

ପରୀକ୍ଷା ନିରୀକ୍ଷା କରି ସାମାଜିକ ପ୍ରଭାବ ପକାଇଥାଏ। ସାମାଜିକ ସମୀକ୍ଷା ପ୍ରକ୍ରିୟା ଲୋକଙ୍କ ଭାଗିଦାରୀ ଓ ତଦାରଖ ସହିତ ସମୀକ୍ଷାର ଶୃଙ୍ଖଳା ମିଳିତ ଭାବରେ ଆବଶ୍ୟକ କରେ ।

## ଜାତୀୟ ସାମାଜିକ ସହାୟତା ଯୋଜନାରେ ସାମାଜିକ ସମୀକ୍ଷା

ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଓ ଲୋକଙ୍କ ଭାଗିଦାରୀ ପ୍ରୋତ୍ସାହନ କରିବା ଲକ୍ଷ୍ୟରେ ସାମାଜିକ ସମୀକ୍ଷା ଏକ ପ୍ରଧାନଅଂଶ ଭାବେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ମାର୍ଗଦର୍ଶିକା ୨୦୧୪ରେ ଦର୍ଶାଯାଇଅଛି। ଅନୁଷ୍ଠାନିକ ଭାବେ ଏହାର ପ୍ରକ୍ରିୟା ଓ ସୁନିର୍ବାହ ନିମନ୍ତେ ଏହି ନିର୍ଦ୍ଦେଶାବଳୀକୁ ବର୍ତ୍ତମାନ ବ୍ୟବହାର କରାଯାଇପାରେ ।

### ଜାତୀୟ ସାମାଜିକ ସହାୟତା ଯୋଜନାରେ ସାମାଜିକ ସମୀକ୍ଷାର ଉଦ୍ଦେଶ୍ୟ

- ହିତାଧିକାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ।
- ଯୋଜନା ସମ୍ବନ୍ଧୀୟ ସୂଚନା ସ୍ୱତପ୍ରବୃତ ଭାବେ ପ୍ରକାଶ କରିବା ।
- ହିତାଧିକାରୀ ପରୀକ୍ଷା/ ତନଖି କରିବା ।
- ଅଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା ।
- ଜାତୀୟ ସାମାଜିକ ସହାୟତା ଯୋଜନା / ରାଜ୍ୟ ମାନଦଣ୍ଡ ଅନୁଯାୟୀ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରିବା।
- ଅଭିଯୋଗ ଲିପିବଦ୍ଧ କରିବା ଓ ତାହାର ତ୍ୱରିତ ସମାଧାନ ନିମନ୍ତେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରେରଣ ନିମନ୍ତେ ଏକ ମଞ୍ଚ ପ୍ରଦାନ କରିବା ।
- ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ନିର୍ବାହରେ ହିତାଧିକାରୀ ସମ୍ମୁଖୀନ ହେଉଥିବା ଅସୁବିଧାଗୁଡିକୁ ଚିହ୍ନଟ କରିବା ।

## ସାମାଜିକ ସମୀକ୍ଷାର ସୋପାନ

### ରେକର୍ଡ ଏକତ୍ରୀକରଣ:

ଗ୍ରାମ ପଞ୍ଚାୟତ/ ୱାର୍ଡ/ ନଗରପାଳିକା/ ପଞ୍ଚାୟତ ସମିତି / ଜିଲ୍ଲା ସ୍ତରୀୟ ଅଧିକାରୀ ସୁନିଶ୍ଚିତ କରିବେ ଯେ ଗ୍ରାମ ପଞ୍ଚାୟତ / ୱାର୍ଡର ସମସ୍ତ ରେକର୍ଡ ପତ୍ର ଯଥା ହିତାଧିକାରୀଙ୍କ ନାମ, ଠିକଣା,ଭତ୍ତା ବଣ୍ଟନର

ମାଧ୍ୟମ, ଭତ୍ତାର ପରିମାଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସାମାଜିକ ସମୀକ୍ଷାର ୧୫ ଦିନ ପୂର୍ବରୁ ସାମାଜିକ ସମୀକ୍ଷା ଦଳକୁ ତନଖି ତଥା ଯାଞ୍ଚ କରିବା ନିମନ୍ତେ ପ୍ରଦାନ କରାଯାଇଅଛି ।

**ତନଖି/ ପରୀକ୍ଷଣ:**

ସାମାଜିକ ସମୀକ୍ଷା ନିମନ୍ତେ ପ୍ରେରିତ ହୋଇଥିବା ସାମାଜିକ ସମୀକ୍ଷା ଦଳ ଉକ୍ତ ଗ୍ରାମ ପଞ୍ଚାୟତ / ୱାର୍ଡର ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମର ହିତାଧିକାରୀଙ୍କୁ ଶତ ପ୍ରତିଶତ ଯାଞ୍ଚ କରିବେ। ସେମାନେ କାର୍ଯ୍ୟକ୍ରମ ଅଧିକାରୀ ଓ ଗ୍ରାମ ପଞ୍ଚାୟତ ଠାରୁ ଗ୍ରହଣ କରାଯାଇଥିବା ସମସ୍ତ ଦସ୍ତାବିଜ ଯାଞ୍ଚକରିବେ।ସାମାଜିକ ସମୀକ୍ଷା ଦଳ ପ୍ରତ୍ୟେକ ଲିଖିତ ଅଭିଯୋଗର ଏକ ତାରିଖଯୁକ୍ତ ରସିଦ ଉକ୍ତ ଅଭିଯୋଗକର୍ତ୍ତାଙ୍କୁ ପ୍ରଦାନ କରିବେ ଓ ଅଭିଯୋଗଟିକୁ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ପ୍ରେରଣ କରିବେ ।

## ସମ୍ଭାବିତ ଅଭିଯୋଗ

| କ୍ର ସଂ | ଅଭିଯୋଗ | ଅଭିଯୋଗ ପ୍ରକାର |
|---|---|---|
| ୧ | ଅଯୋଗ୍ୟ ହିତାଧିକାରୀ | ବ୍ୟକ୍ତି ଜୀବୀତ ନାହାନ୍ତି |
| ୨ | | ବ୍ୟକ୍ତିଙ୍କୁ ଖୋଜି ହେଉନାହିଁ |
| ୩ | | ବ୍ୟକ୍ତି ବିଧବା ନୁହନ୍ତି |
| ୪ | | ବ୍ୟକ୍ତି ଭିନ୍ନକ୍ଷମ ନୁହନ୍ତି |
| ୫ | | ବ୍ୟକ୍ତି ପୂର୍ବରୁ ଅନ୍ୟ ଭତ୍ତା ପାଉଛନ୍ତି |
| ୬ | | ବ୍ୟକ୍ତି ଏକାଧିକ ଭତ୍ତା ପାଉଛନ୍ତି |
| ୭ | | ବୟସ ଅନୁଯାୟୀ ବର୍ଜିତ କରିବା ଉଚିତ |
| ୮ | | ବ୍ୟକ୍ତି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାରରେ ଅନ୍ତର୍ଭୁକ୍ତ ନାହାନ୍ତି |
| ୯ | | ଆୟ ଅନୁଯାୟୀ ବର୍ଜିତ କରିବା ଉଚିତ |
| ୧୦ | ଦୁର୍ନୀତି | ଭତ୍ତା ଅନୁମୋଦନ ନିମନ୍ତେ ଲାଞ୍ଚ ଦିଆଯାଇଥିଲା |
| ୧୧ | | ଭତ୍ତା ଟଙ୍କା ପାଇବା ପାଇଁ ଲାଞ୍ଚ ଦିଆଯାଇଥିଲା |
| ୧୨ | | ଅନ୍ୟ ଦ୍ୱାରା ଏକାଉଣ୍ଟରୁ ଟଙ୍କା ଉଠାଯାଇଥିଲା |
| ୧୩ | | ହିତାଧିକାରୀଙ୍କ ଏକାଉଣ୍ଟରୁ ଟଙ୍କା ଉଠାଣ ପରିମାଣ ରୁ କମ ଟଙ୍କା ପ୍ରଦାନ |
| ୧୪ | ନୂତନ ଆବେଦନ | ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ନିମନ୍ତେ ନୂତନ ଆବେଦନ |
| ୧୫ | | ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା ନିମନ୍ତେ ନୂତନ ଆବେଦନ |
| ୧୬ | | ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା ନିମନ୍ତେ ନୂତନ ଆବେଦନ |
| ୧୭ | | ଜାତୀୟ ପରିବାର ମଙ୍ଗଳ ଯୋଜନା ନିମନ୍ତେ ନୂତନ ଆବେଦନ |
| ୧୮ | | ଅନ୍ନପୂର୍ଣ୍ଣା ଯୋଜନା ନିମନ୍ତେ ନୂତନ ଆବେଦନ |

| | | |
|---|---|---|
| ୧୯ | | ସ୍ଥାନାନ୍ତର ପାଇଁ ଭତ୍ତା ନେବା ସ୍ଥାନ ପରିବର୍ତ୍ତନ ନିମନ୍ତେ ଆବେଦନ |
| ୨୦ | ଅଭିଯୋଗ ପ୍ରତିକାର | ପୂର୍ବରୁ ଦିଆଯାଇଥିବା ଦରଖାସ୍ତର ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ |
| ୨୧ | | ପୂର୍ବରୁ ଦିଆଯାଇଥିବା ଦରଖାସ୍ତକୁ ଅନୁପଯୁକ୍ତ ଭାବେ ନାମଞ୍ଜୁର କାରାଯାଇଥିବା ଅଭିଯୋଗ |
| ୨୨ | | ପ୍ରତିମାସରେ ଭତ୍ତା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ |
| ୨୩ | | ଗତ ମାସର ଭତ୍ତା ଏ ପର୍ଯ୍ୟନ୍ତ ମିଳି ନ ଥିବା ଅଭିଯୋଗ |
| ୨୪ | | ଗତ ୨ ମାସର ଭତ୍ତା ଏ ପର୍ଯ୍ୟନ୍ତ ନ ଥିବା ଅଭିଯୋଗ |
| ୨୫ | | ଗତ ୩ ମାସର ଭତ୍ତା ଏ ପର୍ଯ୍ୟନ୍ତ ନ ଥିବା ଅଭିଯୋଗ |
| ୨୬ | | ଗତ ୩ ମାସରୁ ଅଧିକ ଭତ୍ତା ଏ ପର୍ଯ୍ୟନ୍ତ ନ ଥିବା ଅଭିଯୋଗ |
| ୨୭ | | ପୂର୍ବରୁ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ଭୁଲରେ ତାଲିକାରୁ ବାଦ ଦେବା ଅଭିଯୋଗ |
| ୨୮ | | ଲୋକେ କେବେ କେତେ ଟଙ୍କା ପାଉଛନ୍ତି ସେ ବିଷୟରେ ଜାଣି ନଥିବା ଅଭିଯୋଗ |
| ୨୯ | ଅନ୍ୟାନ୍ୟ | ଯଦି ନିର୍ଦ୍ଦିଷ୍ଟ କିଛି ଥାଏ |

**ରିପୋର୍ଟ ପ୍ରସ୍ତୁତି:**

ଯାଞ୍ଚ ସମୟରେ ସମସ୍ତ ପ୍ରାପ୍ତ ବସ୍ତୁ ଓ ପ୍ରମାଣକୁ ସଂଗ୍ରହ କରି ଓ ବିଷୟ ଅନୁଯାୟୀ ଗ୍ରାମ ସଭା ନିମନ୍ତେ ରିପୋର୍ଟ ପ୍ରସ୍ତୁତ କରିବେ । ସାମାଜିକ ସମୀକ୍ଷା ଦଳ ସାମାଜିକ ସମୀକ୍ଷା ରିପୋର୍ଟ ଆଞ୍ଚଳିକ ଭାଷା ( ଓଡିଆ)ରେ ପ୍ରସ୍ତୁତ କରିବେ ଓ ଗ୍ରାମ ପଞ୍ଚାୟତରେ ଲୋକଙ୍କ ଦେଖିବା ନିମନ୍ତେ ଉପଲବ୍ଧ କରାଇବେ । ସାମାଜିକ ସମୀକ୍ଷା ରିପୋର୍ଟ ଗ୍ରାମ ସଭା ଶେଷ ହେବାର ୪୮ ଘଣ୍ଟା ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପଲବ୍ଧ କରାଇବେ।

**ରିପୋର୍ଟ ପ୍ରସ୍ତୁତି (ନମୁନା)**

| କ୍ର ସଂ | ନିର୍ଯ୍ୟାସ ପ୍ରକାର | ନିର୍ଯ୍ୟାସ ଉପ ପ୍ରକାର | ଭତ୍ତା ପ୍ରକାର | ନାମ | ଅନ୍ୟାନ୍ୟ ବିବରଣୀ | ତନଖି ସ୍ଥିତି | ଭତ୍ତା ପରିମାଣ | ମତାମତ |
|---|---|---|---|---|---|---|---|---|
| ୧ | ଅଭିଯୋଗ | ଗତ ୩ ମାସର ଭତ୍ତା ଏ ପର୍ଯ୍ୟନ୍ତ ମିଳିନଥିବା | ଯୋଜନାର ନାମ | ହିତାଧିକାରୀଙ୍କ ନାମ | ସ୍ଵା/ପିତା, ଗ୍ରାମ, ବୟସ, ଠିକଣା ... ଇତ୍ୟାଦି | | | ଗତ ....... ମାସରୁ ଭତ୍ତା ମିଳିନି |
| ୨ | ଦୁର୍ନୀତି | ଭତ୍ତା ପାଇବା ପାଇଁ ଲାଞ୍ଚ ଦିଆଯାଉଅଛି | ଯୋଜନାର ନାମ | ହିତାଧିକାରୀଙ୍କ ନାମ | ସ୍ଵା/ପିତା, ଗ୍ରାମ, ବୟସ, ଠିକଣା ... ଇତ୍ୟାଦି | | | ପ୍ରତ୍ୟେକ ମାସର ଭତ୍ତା ପାଇବା ପାଇଁ ........ ଟଙ୍କା ଲେଖାଏଁ ଲାଞ୍ଚ ଦିଆଯାଉଅଛି |
| ୩ | ଅଯୋଗ୍ୟ | ଅଯୋଗ୍ୟ | ଯୋଜନାର | ହିତାଧିକାରୀଙ୍କ | ସ୍ଵା/ପିତା, ଗ୍ରାମ, | | | ସଂପୂର୍ଣ୍ଣ ବିବରଣୀ |

| | | | | | | | | |
|---|---|---|---|---|---|---|---|---|
| | ହିତାଧିକାରୀ | ହେବାର କାରଣ | ନାମ | ନାମ | ବୟସ, ଠିକଣା ... ଇତ୍ୟାଦି | | | |
| ୪ | ଅଯୋଗ୍ୟ ହିତାଧିକାରୀ | ବ୍ୟକ୍ତିଙ୍କୁ ଖୋଜି ହେଉନାହିଁ | ଯୋଜନାର ନାମ | ହିତାଧିକାରୀଙ୍କ ନାମ | ସ୍ୱା/ପିତା, ଗ୍ରାମ, ବୟସ, ଠିକଣା ... ଇତ୍ୟାଦି | | | ସଂପୂର୍ଣ୍ଣ ବିବରଣୀ |
| ୫ | ନୂତନ ଆବେଦନ | ସଂପୂର୍ଣ୍ଣ ବିବରଣୀ | ଯୋଜନାର ନାମ | ହିତାଧିକାରୀଙ୍କ ନାମ | ସ୍ୱା/ପିତା, ଗ୍ରାମ, ବୟସ, ଠିକଣା ... ଇତ୍ୟାଦି | | | ସଂପୂର୍ଣ୍ଣ ବିବରଣୀ |

**ସାମାଜିକ ସମୀକ୍ଷା ଗ୍ରାମ ସଭା:**

ରିପୋର୍ଟ ପ୍ରସ୍ତୁତିର ପରବର୍ତ୍ତୀ ପଦକ୍ଷେପ ସାମାଜିକ ସମୀକ୍ଷା ଗ୍ରାମ ସଭା ଆୟୋଜନ । ସାମାଜିକ ସମୀକ୍ଷା ଦଳ ଜଣେ ନିରପେକ୍ଷ ପର୍ଯ୍ୟାବେକ୍ଷକଙ୍କ ଉପସ୍ଥିତିରେ ଯାଞ୍ଚ ପର୍ଯ୍ୟାୟର ପ୍ରାପ୍ତ ବସ୍ତୁ ପ୍ରମାଣ ସହିତ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। ଗ୍ରାମସଭାରେ ଉଠିଥିବା ଆପତ୍ତିର ସମସ୍ତ ଉତ୍ତର ଯୋଜନା ନିର୍ବାହୀ ସଂସ୍ଥା ଦେବେ ।

# ସାମାଜିକ ସମୀକ୍ଷା ପ୍ରକ୍ରିୟାରେ ଗୃହ ପରିଦର୍ଶନ ଓ ଆଲୋଚନାର ତଥ୍ୟ ଫର୍ମାଟ  -୧

## ଗ୍ରା. ପ.:                ବ୍ଲକ:                ଜିଲ୍ଲା : ଯାଜପୁର

| କ୍ର ସଂ | ନାମ | ଗ୍ରାମ | ଗୃହର ସ୍ଥିତି * | ଯୋଗ୍ୟ କି ? | | ଗତ ବର୍ଷ ଠାରୁ ଭତ୍ତା ପାଉଛନ୍ତି କି ? | | ଯଦି କିଛି ଭତ୍ତା ବାକି ଥାଏ ତାର ପରିମାଣ ** | ଯଦି କିଛି ଅଭିଯୋଗ ଥାଏ | ହିତାଧିକାରୀ/ ସମ୍ପର୍କୀୟଙ୍କ ସ୍ୱାକ୍ଷର |
|---|---|---|---|---|---|---|---|---|---|---|
| | | | | ହଁ | ଯଦି ନା କାରଣ | ହଁ | ଯଦି ନା କାରଣ | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |
| | | | | | | | | | | |

*a-ହିତାଧୀକାରୀଙ୍କୁ ସାକ୍ଷାତ କଲେ, b-ହିତାଧୀକାରୀଙ୍କ ସମ୍ପର୍କୀୟଙ୍କୁ ସାକ୍ଷାତ କଲେ c-ଦ୍ୱାର ବନ୍ଦ ଥିଲା, d- ଅସ୍ଥାୟୀ ସ୍ଥାନାନ୍ତର, e- ସ୍ଥାୟୀ ସ୍ଥାନାନ୍ତର, f- ହିତାଧିକାରୀ ସ୍ଥାନାନ୍ତରିତ ହୋଇଛନ୍ତି ଓ ଏହା ପାଇଁ ଭତ୍ତା ବନ୍ଦ ହୋଇ ଯାଇଛି, g-ଖୋଜି ହେଉନାହିଁ, h- ସାକ୍ଷାତ କରିବା ପାଇଁ ସମୟର ଅଭାବ , i- ହିତାଧିକାରୀ ଜୀବିତ ନାହାନ୍ତି ।

** a- ଗତ ମାସର ଭତ୍ତା ମିଳିନାହିଁ, b- ବିଗତ ଦୁଇଟି ପ୍ରାପ୍ୟ ମିଳିନାହିଁ , c- ବିଗତ ତିନୋଟି ପ୍ରାପ୍ୟ ମିଳିନାହିଁ , d- ବିଗତ ତିନୋଟିରୁ ଅଧିକ ପ୍ରାପ୍ୟ ମିଳିନାହିଁ , e- ବିଗତ କେତୋଟି ପ୍ରାପ୍ୟ ମିଳିଛି କିନ୍ତୁ ପୂର୍ବ ବକେୟା ମିଳିନାହିଁ ।

# ସାମାଜିକ ସମୀକ୍ଷା ପ୍ରକ୍ରିୟା ଫର୍ମାଟ-୨ ( ଚେକ ଲିଷ୍ଟ)

**ଗ୍ରା. ପ.:** **ବ୍ଲକ:** **ଜିଲ୍ଲା : ଯାଜପୁର**

| କ୍ର ସଂ | ବିଭାଗ | ପ୍ରଶ୍ନ | ଉତ୍ତର | ସାମାଜିକ ସମୀକ୍ଷା ଦଳର ମନ୍ତବ୍ୟ |
|---|---|---|---|---|
| ୧ | ସଚେତନତା | ସାମାଜିକ ସହାୟତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଲୋକଙ୍କ ସଚେତନତାର ସ୍ତର | ଉଚ୍ଚ /ସନ୍ତୋଷଜନକ/ ନିମ୍ନ | |
| | | ସାମାଜିକ ସହାୟତା କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଶା କର୍ମୀ, SHG, ଅଙ୍ଗନୱାଡି ଓ ପାଞ୍ଚାୟତିରାଜ ଅନୁଷ୍ଠାନ ର ନିର୍ବାଚିତ ପ୍ରତିନିଧିମାନଙ୍କ ସଚେତନତାର ସ୍ତର | ଉଚ୍ଚ /ସନ୍ତୋଷଜନକ/ ନିମ୍ନ | |
| ୨ | ହିତାଧିକାରୀ ଚୟନ | ହିତାଧିକାରୀ ଚୟନ ପ୍ରକ୍ରିୟାରେ SHGମାନେ ସାମିଲ ହୁଅନ୍ତି କି ? | ହଁ/ ନା | |
| | | ହିତାଧିକାରୀ ଚୟନରେ ଗ୍ରାମ ପଞ୍ଚାୟତ ମୁଖ୍ୟଭୂମିକା ଗ୍ରହଣ କରେ କି ? | ହଁ/ ନା | |
| ୩ | ଅଭିଯୋଗ ସମାଧାନ | ଆବେଦନ ଦାଖଲ କରିବା ସମୟରେ ଆବେଦନକରୀଙ୍କୁ ତାରିଖ ଯୁକ୍ତ ରସିଦ ଦିଆଯାଏ କି ? | ହଁ/ ନା | |
| | | ଆବେଦନକରୀଙ୍କୁ ତାଙ୍କ ଆବେଦନର ଲିଖିତ ଉତ୍ତର ଦିଆଯାଏ କି ? | ହଁ/ ନା | |
| ୪ | ସ୍ୱଚ୍ଛତା | ହିତାଧିକାରୀଙ୍କ ତାଲିକା Websiteରେ ଲୋକଙ୍କ ନିମନ୍ତେ ଉପଲବ୍ଧ କି ? | ହଁ/ ନା | |
| | | ହିତାଧିକାରୀଙ୍କ ତାଲିକା ଗ୍ରାମ ପଞ୍ଚାୟତର ବିଭିନ୍ନ ଜନଗହଳୀ ପୂର୍ଣ୍ଣ ସ୍ଥାନରେ ଉପଲବ୍ଧ କି ? | ହଁ/ ନା | |
| | | ହିତାଧିକାରୀଙ୍କ ବ୍ୟାଙ୍କ / ପୋଷ୍ଟାଲ ପାସ ବହି ଅଛି କି ? | ହଁ / ନା | |
| | | ପାସବୁକ ପରିଚାଳନା ହେଉଛି କି ? | ହଁ / କେବେ କେବେ / ନା | |
| ୫ | ଭତ୍ତା ପ୍ରଦାନ | ହିତାଧିକାରୀଙ୍କୁ ଜନସାଧାରଣଙ୍କ ସ୍ଥାନରେ ଭତ୍ତା ପ୍ରଦାନ କରାଯାଏ କି ? | ହଁ / ନା | |
| | | ହିତାଧିକାରୀଙ୍କୁ ସେମାନଙ୍କ ପାଉଣା ଆକାଉଣ୍ଟ କୁ ଦିଆଯିବା ସମ୍ବନ୍ଧରେ SMS ମାଧମରେ ସୂଚନା ଦିଆଯାଏ କି ? | ହଁ / ନା | |
| | | ହିତାଧିକାରୀମାନେ ମାସକୁ ମାସ ପାଉଣା ନେବାକୁ ଇଚ୍ଛୁକ କି ଓ ସେମାନେ ମାସକୁ ମାସ ପାଉଣା ପାଉଛନ୍ତି କି ? | ହଁ, ପ୍ରତିମାସ/ ନା ପ୍ରତି ତିନି ମାସରେ /................ | |
| | | Banking Correspondent / ଜନ ସେବାକେନ୍ଦ୍ର ହିତାଧିକାରୀଙ୍କୁ ରସିଦ ପ୍ରଦାନ କରନ୍ତି କି ? | ହଁ / ନା / ପ୍ରଯୁଜ୍ୟ ନୁହେଁ | |
| | | ହିତାଧିକାରୀମାନେ ପ୍ରତିମାସରେ ମାସିକ ପାଉଣା ବାବଦକୁ କିଛି କମିଶନ/ ସେବାକର ପ୍ରଦାନ କରନ୍ତି କି ? | ହଁ / ନା / ଯଦି ହଁ , ପରିମାଣ .................. | |
| | | କେତେଜଣ ହିତାଧିକାରୀଙ୍କୁ ଗତ ମାସରେ ହାତଲେଖା ବହି ମାଧମରେ ପାଉଣା ପ୍ରଦାନ କରାଯାଇଛି ? | ହଁ / ନା | |

**ଭିଆରପିଙ୍କ ସ୍ୱାକ୍ଷର** **ଭିଆରପିଙ୍କ ସ୍ୱାକ୍ଷର** **ଭିଆରପିଙ୍କ ସ୍ୱାକ୍ଷର**

ବ୍ଲକ ସାମାଜିକ ସମୀକ୍ଷକଙ୍କ ସ୍ୱାକ୍ଷର

## ଜାତୀୟ ସାମାଜିକ ସହାୟତା ଯୋଜନା ସାମାଜିକ ସମୀକ୍ଷା ଫର୍ମାଟ – ୩

**ଗ୍ରା. ପ.:** **ବ୍ଲକ:** **ଜିଲ୍ଲା : ଯାଜପୁର**

**ଯୋଗ କରିବା ଓ ଭୁଲ ବାଦ ଦେବା**

| ଯୋଜନାର ନାମ | ସାମାଜିକ ସମୀକ୍ଷା କରାଯାଇଥିବା ଅଞ୍ଚଳରେ ହିତାଧିକାରୀ ସଂଖ୍ୟା | ସାକ୍ଷାତ କରାଯାଇଥିବା ହିତାଧିକାରୀଙ୍କ ସଂଖ୍ୟା | ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା | ପଦକ୍ଷେପ ଗ୍ରହଣ * ଅଯୋଗ୍ୟ ହିତାଧିକାରୀଙ୍କ ସଂଖ୍ୟା / ବାଦ ଦିଆଯାଇଥିବା ନକଲି ହିତାଧିକାରୀଙ୍କ ସଂଖ୍ୟା | ମାନଦଣ୍ଡ ଅନୁଯାୟୀ କେତୋଟି BPL ହିତାଧିକାରୀ ଯୋଗ୍ୟ ବିବେଚିତ ହେଲେ | ପଦକ୍ଷେପ ଗ୍ରହଣ * ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ସହାୟତା ପ୍ରଦାନ କରାଗଲା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା | | | | | | |
| ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା | | | | | | |
| ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, | | | | | | |
| ଅନ୍ନପୂର୍ଣ୍ଣା ଯୋଜନା | | | | | | |

*ପଦକ୍ଷେପ ଗ୍ରହଣ ରିପୋର୍ଟ

## ସ୍ୱାକ୍ଷର

| | |
|---|---|
| ୧ | |
| ୨ | |
| ୩ | |

ବ୍ଲକ ସାମାଜିକ ସମୀକ୍ଷକଙ୍କ ସ୍ୱାକ୍ଷର

| ଜାତୀୟ ସାମାଜିକ ସହାୟତା ଯୋଜନା ସାମାଜିକ ସମୀକ୍ଷା ଫର୍ମାଟ – ୩(କ)<br>ଗ୍ରା. ପ.: ବ୍ଲକ: ଜିଲ୍ଲା : ଯାଜପୁର | | | | | | | |
|---|---|---|---|---|---|---|---|
| ଅଭିଯୋଗ ଓ ତୋଷାରପାତ | | | | | | | |
| ଯୋଜନାର ନାମ | ଗ୍ରହଣ କରାଯାଇଥିବା ଅଭିଯୋଗ / ଆବେଦନପତ୍ର ସଂଖ୍ୟା | ସମାଧାନ କରାଯାଇଥିବା ଅଭିଯୋଗ / ଆବେଦନପତ୍ର ସଂଖ୍ୟା | ଆର୍ଥିକ ତୋଷାରପାତ ଅଭିଯୋଗ ସଂଖ୍ୟା | ଅର୍ଥ ତୋଷାରପାତ ର ପରିମାଣ | ପଦକ୍ଷେପ ଗ୍ରହଣ - ଆଦାୟ କରାଯାଇଥିବା ଅର୍ଥର ପରିମାଣ | ପଦକ୍ଷେପ ଗ୍ରହଣ – କେତେଜଣ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରାଯାଇଛି | ପଦକ୍ଷେପ ଗ୍ରହଣ – କେତେଗୋଟି FIR ଦିଆଯାଇଛି |
| ଇନ୍ଦିରା ଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା | | | | | | | |
| ଇନ୍ଦିରା ଗାନ୍ଧୀ ଜାତୀୟ ଭିନ୍ନକ୍ଷମ ଭତ୍ତା | | | | | | | |
| ଇନ୍ଦିରା ଗାନ୍ଧୀ ଜାତୀୟ ବିଧବା ଭତ୍ତା, | | | | | | | |
| ଅନ୍ନପୂର୍ଣ୍ଣା ଯୋଜନା | | | | | | | |

*ପଦକ୍ଷେପ ଗ୍ରହଣ ରିପୋର୍ଟ

## ସ୍ୱାକ୍ଷର

| | |
|---|---|
| ୧ | |
| ୨ | |
| ୩ | |

# ଜାତୀୟ ସାମାଜିକ ସହାୟତା ଯୋଜନା ସାମାଜିକ ସମୀକ୍ଷା ଫର୍ମାଟ – ୪

## ଗ୍ରା. ପ.:                    ବ୍ଲକ:                    ଜିଲ୍ଲା : ଯାଜପୁର

## ସାମାଜିକ ସମୀକ୍ଷା ନିର୍ଯ୍ୟାସ ଓ  ପଦକ୍ଷେପ ଗ୍ରହଣ ରିପୋର୍ଟ

## ସାମାଜିକ ସମୀକ୍ଷା **Basic Information**

| | | |
|---|---|---|
| ସାମାଜିକ ସମୀକ୍ଷା ପ୍ରକ୍ରିୟା ତାରିଖ | ସାମାଜିକ ସମୀକ୍ଷା ପ୍ରକ୍ରିୟା ଆରମ୍ଭ  ତାରିଖ | |
| | ସାମାଜିକ ସମୀକ୍ଷା ପ୍ରକ୍ରିୟା ଶେଷ ତାରିଖ | |
| ସାମାଜିକ ସମୀକ୍ଷା ଅବଧି | ସାମାଜିକ ସମୀକ୍ଷା ଅବଧି  ଆରମ୍ଭ ତାରିଖ | |
| | ସାମାଜିକ ସମୀକ୍ଷା ଅବଧି  ଶେଷ ତାରିଖ | |
| ସାମାଜିକ ସମୀକ୍ଷା ପ୍ରକ୍ରିୟାରେ ନିୟୋଜିତ ବ୍ୟକ୍ତିଙ୍କ ବିବରଣୀ | ବ୍ଲକ ସାମାଜିକ ସମୀକ୍ଷକଙ୍କ  ନାମ/ କୋଡ | |
| | ଜିଲ୍ଲା ସାମାଜିକ ସମୀକ୍ଷକଙ୍କ  ନାମ/ କୋଡ | |
| | ସାମାଜିକ ସମୀକ୍ଷାରେ ନିଯୋଜିତ ଗ୍ରାମ୍ୟ  ସମ୍ବଳ ବ୍ୟକ୍ତିଙ୍କ ବିବରଣୀ | ୧ |
| | | ୨ |
| | | ୩ |
| | | ୪ |
| ପରିଦର୍ଶନ ବିବରଣୀ | ମୋଟ ହିତାଧିକାରୀଙ୍କ ସଂଖ୍ୟା | |
| | କେତେଜଣ ହିତାଧିକାରୀ ( ସମ୍ପର୍କୀୟ)ଙ୍କୁ ସାମାଜିକ ସମୀକ୍ଷା ଦଳ ସାକ୍ଷାତ କରିଥିଲେ | |
| | କେତେ ତୋଷାରପାତ ହୋଇଥିବା ଅର୍ଥ ଆଦାୟ କରାଯିବାକୁ ଅଛି | |
| ଗ୍ରାମସଭା ବିବରଣୀ | ସାମାଜିକ ସମୀକ୍ଷା ଗ୍ରାମ ସଭା ତାରିଖ | |
| | ନିରପେକ୍ଷ ପର୍ଯ୍ୟବେକ୍ଷକଙ୍କ ନାମ | |
| | ପର୍ଯ୍ୟବେକ୍ଷକଙ୍କ ପଦବୀ | |
| | ସାମାଜିକ ସମୀକ୍ଷା ଗ୍ରାମ ସଭାରେ ଭାଗ ନେଇଥିବା ଲୋକ ସଂଖ୍ୟା | |
| | ସାମାଜିକ ସମୀକ୍ଷାର ତିନୋଟି ଫଟୋ | ବ୍ୟାନର ସହିତ ୧ଟି ଫଟୋ |
| | | ଲୋକ ବସିଥିବା ୨ଟି ଫଟୋ |

ଭିଆରପିଙ୍କ ସ୍ୱାକ୍ଷର          ଭିଆରପିଙ୍କ ସ୍ୱାକ୍ଷର          ଭିଆରପିଙ୍କ ସ୍ୱାକ୍ଷର

ବ୍ଲକ ସାମାଜିକ ସମୀକ୍ଷକଙ୍କ ସ୍ୱାକ୍ଷର